ଓୟୁଏଟି ପବ୍ଲିକେଷନ୍ ସଂଖ୍ୟା : ୨୦୨୩୧୨୦୦୭୭

# ଆତ୍ମ ନିଯୁକ୍ତି ନିମନ୍ତେ
# ନର୍ସରୀ ସ୍ଥାପନା ଏବଂ ପରିଚାଳନା



ଲେଖକ

**ଡଃ ସୁଶ୍ରୀ ଚୌଧୁରୀ**
ବୈଜ୍ଞାନିକ (ଉଦ୍ୟାନ ବିଜ୍ଞାନ)

**ଶ୍ରୀ ଜୟଶଙ୍କର ପ୍ରଧାନ**
ବିଷୟ ବସ୍ତୁ ବିଶେଷଜ୍ଞ (କୃଷି ପାଣିପାଗ)

**ଡଃ ସଞ୍ଜୀବ କୁମାର ମାଣ୍ଡି**
ବିଷୟ ବସ୍ତୁ ବିଶେଷଜ୍ଞ (କ୍ଷେତ୍ର ବିଜ୍ଞାନ)

**ଡଃ ସଂଗ୍ରାମ ପରମଗୁରୁ**
ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ

କୃଷି ବିଜ୍ଞାନ କେନ୍ଦ୍ର, ଗଜପତି, ରା.ଉଦୟଗିରି
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

# ଆତ୍ମ ନିଯୁକ୍ତି ନିମନ୍ତେ
# ନର୍ସରୀ ସ୍ଥାପନା ଏବଂ ପରିଚାଳନା




: ଲେଖକ :

**ଡଃ ସୁଶ୍ରୀ ଚୌଧୁରୀ**
ବୈଜ୍ଞାନିକ (ଉଦ୍ୟାନ ବିଜ୍ଞାନ)

**ଶ୍ରୀ ଜୟଶଙ୍କର ପ୍ରଧାନ**
ବିଷୟ ବସ୍ତୁ ବିଶେଷଜ୍ଞ (କୃଷି ପାଣିପାଗ)

**ଡଃ ସଞ୍ଜୀବ କୁମାର ମାଣ୍ଡି**
ବିଷୟ ବସ୍ତୁ ବିଶେଷଜ୍ଞ (କ୍ଷେତ୍ର ବିଜ୍ଞାନ)

**ଡଃ ସଂଗ୍ରାମ ପରମଗୁରୁ**
ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ



**କୃଷି ବିଜ୍ଞାନ କେନ୍ଦ୍ର**
ରା. ଉଦୟଗିରି, ଗଜପତି-୭୬୧୦୧୬
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ମୁଖ୍ୟ ସମ୍ପାଦକ : ଡଃ ସଂଗ୍ରାମ ପରମଗୁରୁ
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

ବିଷୟ ବସ୍ତୁ : ଡଃ ସୁଶ୍ରୀ ଚୌଧୁରୀ
ବୈଜ୍ଞାନିକ (ଉଦ୍ୟାନ ବିଜ୍ଞାନ)

ଡଃ ସଂଜୀବ କୁମାର ମାଣ୍ଡି
ବିଷୟବସ୍ତୁ ବିଶେଷଜ୍ଞ (କ୍ଷେତ୍ର ବିଜ୍ଞାନ)

ଶ୍ରୀ ଜୟଶଙ୍କର ପ୍ରଧାନ
ବିଷୟବସ୍ତୁ ବିଶେଷଜ୍ଞ (କୃଷି ପାଣିପାଗ)

ଓ.ୟୁ.ଏ.ଟି ପବ୍ଲିକେଶନ ନଂ : ୨୦୨୩୧୨୦୦୭୬
2023120076

ପ୍ରକାଶକ : କୃଷି ବିଜ୍ଞାନ କେନ୍ଦ୍ର, ଗଜପତି
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ପ୍ରକାଶ କାଳ : ୨୦୨୩-୨୪

# ଆତ୍ମ ନିଯୁକ୍ତି ନିମନ୍ତେ
# ନର୍ସରୀ ସ୍ଥାପନା ଏବଂ ପରିଚାଳନା

ଆମ ରାଜ୍ୟର ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଉଦ୍ୟାନ କୃଷି ଫସଲର ଚାହିଦା ବଢ଼ିବାରେ ଲାଗିଛି । ଏଥି ସହିତ ବର୍ତ୍ତମାନ ସମୟରେ ଉନ୍ନତମାନର ଫୁଲ, ଫଳ, ପନିପରିବା, ଔଷଧୀୟ ଏବଂ ମସଲା ଜାତୀୟ ଚାରାର ଚାହିଦା ବଢ଼ି ଚାଲିଛି । ଏହି ଚାହିଦାକୁ ମେଣ୍ଟାଇବା ନିମନ୍ତେ ସହର ତଥା ସହର ନିକଟବର୍ତ୍ତୀ ଅଞ୍ଚଳରେ ନର୍ସରୀ ବ୍ୟବସାୟ ଦ୍ରୁତଗତିରେ ବିକଶିତ ହେବାରେ ଲାଗିଛି । ଗଜପତି ଜିଲ୍ଲାର ଜଳବାୟୁ ଓ ମୃତ୍ତିକା ଚାରା ଉତ୍ପାଦନ ତଥା ଫଳ, ଫୁଲ ଓ ପନିପରିବା ଏବଂ ମସଲା ଜାତୀୟ ଚାଷ ନିମନ୍ତେ ଖୁବ୍ ଉପଯୁକ୍ତ । ଅତଏବ ଏହି ପରିପ୍ରେକ୍ଷୀରେ ଶିକ୍ଷିତ ବେକାର ଯୁବକ ଯୁବତୀ ତଥା ଆଗ୍ରହୀ ଚାଷୀଭାଇ/ ଭଉଣୀମାନେ କମ୍ ଟଙ୍କା ଖଟାଇ ନର୍ସରୀଟିଏ ସ୍ଥାପନା କରି ଉନ୍ନତମାନର ଚାରା ଠିକ୍ ସମୟରେ ଗଜପତି ଜିଲ୍ଲାର ସମସ୍ତ ଅଞ୍ଚଳକୁ ଯୋଗାଇବା ସହିତ ଆତ୍ମନିଯୁକ୍ତି ପାଇପାରିବେ । ଏଣୁ ସେମାନଙ୍କର ଅବଗତି ନିମନ୍ତେ ନର୍ସରୀ ସ୍ଥାପନା ଏବଂ ପରିଚାଳନା ସମ୍ପର୍କରେ ସବିଶେଷ ଆଲୋଚନା କରାଗଲା ।

## ନର୍ସରୀ :

ସାଧାରଣତଃ ନର୍ସରୀ ହେଉଛି ଏକ ସ୍ଥାନ ଯେଉଁଠାରେ ଫୁଲ, ଫଳ, ପନିପରିବା, ଔଷଧୀୟ, ମସଲା ଜାତୀୟ ଚାରା ଏବଂ ବିଭିନ୍ନ ଆଳଙ୍କାରିକ ଉଦ୍ଭିଦ, ଛୋଟ ଛୋଟ ଉଦ୍ୟାନ, ଯନ୍ତ୍ରପାତି, ଆକର୍ଷଣୀୟ ଫୁଲକୁଣ୍ଡ ସୁବିଧାରେ ମିଳିଥାଏ । ଏକ ଆବଦ୍ଧ, ସୀମିତ ଓ ସୁରକ୍ଷିତ ଜାଗାରେ ନର୍ସରୀ କରାଯାଇଥାଏ । ଏଠାରେ ବିଭିନ୍ନ କିସମର ମଞ୍ଜିରୁ ତଳି ଉଠାରିବା, ମୂଳଦଣ୍ଡ ଗଛ ଉତାରିବା ଏବଂ କଲମି କରିବା ଭଳି ବିଭିନ୍ନ କାର୍ଯ୍ୟ କରାଯାଇଥାଏ ।

## ନର୍ସରୀର ଉପକାରିତା :

୧. ତଳି ଓ ବିଭିନ୍ନ ପ୍ରକାରର ମା' ଗଛ ଏବଂ କଲମି ଚାରାଗଛ ହୃଷ୍ଟପୁଷ୍ଟ ହୋଇ ବଢ଼ିବା ପାଇଁ ଅନୁକୂଳ ବାତାବରଣ ଦେଇଥାଏ ।

୨. ନର୍ସରୀର ସୀମିତ ଜାଗାରେ ବଢୁଥିବା ବହୁତ ସଂଖ୍ୟାର ଚାରା ବା ତଳିଗୁଡ଼ିକର ଯତ୍ନ ବହୁତ ସୁବିଧାରେ ଏବଂ ସହଜରେ କରିହୁଏ ।

୩. ନର୍ସରୀଟି ସୀମିତ ଜାଗାରେ ହୋଇଥିବାରୁ ଗଛଗୁଡ଼ିକୁ ଠିକ୍ ସମୟରେ ରୋଗ ଓ ପୋକ ଦାଉରୁ ରକ୍ଷା କରାଯାଇପାରେ ।

୪. ନର୍ସରୀରେ ତଳି ଉତାରିବା ଦ୍ୱାରା, ପ୍ରତିକୂଳ ପାଗ ବେଳେ ମୁଖ୍ୟ ଜାଗାରେ ତଳି ନ ଲଗାଇ, ଅନୁକୂଳ ପାଗ ହେବା ପର୍ଯ୍ୟନ୍ତ ନର୍ସରୀ ମଧ୍ୟରେ ସୁରକ୍ଷିତ ରଖାଯାଇପାରିବ ।

୫. ନର୍ସରୀରେ ତଳି ଉତାରିବା ଦ୍ୱାରା, ବହୁତ ସମୟ କ୍ଷେତ୍ର ତିଆରି ପାଇଁ ମିଳିଥାଏ । ସବୁଜ ସାର ମଞ୍ଜି ବୁଣାଯାଇ ଗଛ ମାସେ ବା ଦୁଇମାସରେ ମାଟିରେ ମିଶାଇ ଦିଆଯାଏ ଓ କ୍ଷେତ ଅଧିକ ଉତ୍ପାଦନକ୍ଷମ ହୋଇଥାଏ ।

୬. ନର୍ସରୀରେ ତଳି ଉତାରିବା ଦ୍ୱାରା ମଞ୍ଜି ବେଶି ଦରକାର ହୋଇନଥାଏ ଓ ନଷ୍ଟ ମଧ୍ୟ ହୁଏନାହିଁ ।

୭. ନୂଆ ଆସିଥିବା ଚାରା ବା ଗଛଗୁଡ଼ିକୁ ଠିକ୍ ଉପଚାର ମିଳେ ।

୮. ନର୍ସରୀରେ ଗ୍ରିନ୍‌ହାଉସ୍, ଲାଥ୍‌ହାଉସ, ପଲ୍ଲୀହାଉସ, ପ୍ଲାଷ୍ଟିକ୍‌ର ତାରଜାଲି ଘର ଇତ୍ୟାଦି ଥିବାରୁ ସୁବିଧାରେ ଚାରା ଓ କଲମି ଗଛଗୁଡ଼ିକୁ ପ୍ରତିକୂଳ ବାତାବରଣରୁ ରକ୍ଷା କରାଯାଇପାରେ ।

୯. ନର୍ସରୀରେ ବିଭିନ୍ନ ପ୍ରକାରର ଗଛ ଓ ଗୁଳ୍ମ ଆଦି ଗଚ୍ଛିତ ରଖାଯାଇଥାଏ ।

୧୦. ଚାରାଗୁଡ଼ିକୁ ତଳିଘେରାରୁ ଉଠାଇ ଆଣିବା ସମୟରେ ଚେର ଛିଣ୍ଡିଯାଏ । ଏହା ରୋପଣ କରିବା ପରେ ଅଧିକ ସଂଖ୍ୟକ ଶାଖା ଓ ପ୍ରଶାଖା ଚେର କଅଁଳି ଥାଏ ଓ ଅମଳ ଅଧିକ ହୋଇଥାଏ ।

## ନର୍ସରୀଟି କଲା ପୂର୍ବରୁ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦେବା ଉଚିତ:

### (୧) ଜାଗା ନିର୍ବାଚନ :

ନର୍ସରୀଟିଏ କରିବା ପୂର୍ବରୁ କେଉଁ ଜାଗାରେ କଲେ ଭଲ ତାହା ଦେଖିବା ଉଚିତ୍ । ଯେଉଁଠାରେ ବିଶେଷ କରି ଫଳ, ଫୁଲ ଓ ପନିପରିବା ଚାରାର ଚାହିଦା ବେଶି ସେପରି ଜାଗା ବାଛିବା ଉଚିତ୍ । ନର୍ସରୀଟି ସାଧାରଣତଃ ସହର ବଜାର ନିକଟରେ ହେବା ଉଚିତ୍ । ନର୍ସରୀଟି ରାସ୍ତା କଡ଼ରେ ହେବା ଉଚିତ, ଯେଉଁଠିକୁ ଯାନବାହନ ସୁବିଧାରେ ଯାଇପାରିବ ।

### (୨) ମୃତ୍ତିକା :

ସାଧାରଣତଃ ମଧ୍ୟମ କିସମର ମାଟି ନିଗିଡ଼ା ଓ ପାଣି ଜମି ରହୁନଥିବା ଏବଂ ଜମିରେ ଯଥେଷ୍ଟ ପରିମାଣରେ ଜୈବିକ ପଦାର୍ଥ ଥିବା ମାଟି ବଛା ଯାଏ । ଯେଉଁ ଜାଗାରେ ବର୍ଷାଦିନେ ଗାତ ଖୋଳିଲେ ଦୁଇଫୁଟ ତଳେ ପାଣି ରହେ ତାହା ନର୍ସରୀ କରିବା ପାଇଁ ଉପଯୁକ୍ତ । ନର୍ସରୀ ପାଇଁ ଚିକିଣା ଦୋରସା ମାଟି (Clay Loam) ସବୁଠାରୁ ଭଲ । କାରଣ ଚାରା ଉଠାଇବା ବେଳେ ମାଟି ଗୋଳା ସହ ଚାରା ଉଠାଇବା ସହଜ ହୁଏ । ବାଲିଆ ମାଟିରେ ଏହା ହୁଏ ନାହିଁ । ମଞ୍ଜିରୁ ଭଲ ଗଛ ହେବା ପାଇଁ ଓ ମା' ଗଛ ଲଗାଇବା ପାଇଁ ଦୋରସା ମାଟି ସବୁଠୁ ଭଲ । ମାଟିର ପି.ଏଚ୍.-୬.୫ରୁ ୮.୫ ଭିତରେ ରହିବା ଭଲ । ତେବେ ଜାଗା ବାଛିଲାବେଳେ ଯଦି ସେପରି ଭଲ ମାଟି ନ ମିଳେ ତେବେ ଭଲ ମାଟି ଓ ଖତ ଦେଇ ମାଟିକୁ ବଦଳାଇ ଦିଆଯାଇପାରେ ।

ତଳିଘେରା ଓ ନର୍ସରୀ ପଟିରେ ଚାରା ଉତାରିବା ପରେ ପଲିଥିନ୍ ବ୍ୟାଗ୍ ବା ଛୋଟ କୁଣ୍ଡରେ ଲଗାଯାଏ । ଏଥିପାଇଁ ୨ ଭାଗ ଦୋରସା ମାଟି, ୩ ଭାଗ ଗୋବର ଖତ ଓ ଭାଗେ ନଦୀପଠା ମାଟି ବା ବନମାଟି ମିଶାଇ ତିଆରି କରାଯାଏ । କେତେକ କ୍ଷେତ୍ରରେ ୩ ଭାଗ ମାଟି, ୨ ଭାଗ ଖତ ଏବଂ ଦରକାର ହେଲେ କିଛି ବାଲି ମିଶାଇ ମାଟି ତିଆରି କରାଯାଏ ।

## (୩) ଜଳସେଚନ :

ନର୍ସରୀରେ ଜଳସେଚନ ଅପରିହାର୍ଯ୍ୟ । ସେଥିପାଇଁ ଗଭୀର ନଳକୂପ ସବୁଠୁ ଭଲ । ତେବେ ନଳକୂପ ଥିଲେ ମଧ୍ୟ ନର୍ସରୀ ଭିତରେ ଗୋଟିଏ କୂଅ ନିଶ୍ଚୟ କରିବେ । କୌଣସି କାରଣରୁ ନଳକୂପରୁ ପାଣି ନ ବାହାରିଲେ କୂଅ ଦ୍ୱାରା ନର୍ସରୀରେ ଜଳସେଚନ ହୋଇପାରିବ । ପୂର୍ବ-ଉତ୍ତର କୋଣରେ ନଳକୂପ ହେଉ ବା କୂଅ ହେଉ ଖୋଳିବାର ଜାଗା । ଯେହେତୁ ନର୍ସରୀ ଜାଗା ସୀମିତ, ସେଥିପାଇଁ ନର୍ସରୀରେ ପୁରାପୁରି ସ୍ଥାୟୀ ଭାବରେ ଜି.ଆଇ. ପାଇପ୍ ବା ପଲିଥିନ୍ ପାଇପ୍‌ରେ ପାଣି ଯୋଗାଇବାର ବ୍ୟବସ୍ଥା କରିବେ । ମା' ଗଛମାନଙ୍କ ପାଇଁ ବୁନ୍ଦା ଜଳସେଚନ (Drip Irrigation) ଓ କଲମି ଚାରା ପାଇଁ ସିଞ୍ଚନ ଜଳସେଚନ (Sprinkler Irrigation) ସବୁଠୁ ଭଲ ।

## (୪) ମାଳୀ ଓ କୁଶଳୀ ମୁଲିଆ ସୁବିଧାରେ ମିଳୁଥିବେ :

ଗୋଟିଏ ଏକରରୁ ଦୁଇ ଏକର ଷ୍ଟାଣ୍ଡାର୍ଡ୍ ନର୍ସରୀ ପାଇଁ ଜଣେ ଭଲ ମାଳୀ ଓ ଦୁଇ ଜଣ କୁଶଳୀ ମୁଲିଆ ଦରକାର । ଯେଉଁମାନେ କି ଗଛର ଯତ୍ନ ନେବା ସଙ୍ଗେ ସଙ୍ଗେ କଲମି ମଧ୍ୟ କରିପାରିବେ । ଦୂରକୁ ଗଛ ପଠାଇବା ପାଇଁ ପ୍ୟାକିଙ୍ଗ୍ ସାଧାରଣତଃ କୁଶଳୀ ମୁଲିଆମାନେ ସହଜରେ ଓ ସୁବିଧାରେ କରିପାରନ୍ତି ।

## (୫) ଗଛ ପାଇଁ ଚାହିଦା ଥିବା ଦରକାର :

ଯେଉଁଠି ନର୍ସରୀ କରିବେ ସେ ଅଞ୍ଚଳ ଓ ଅନ୍ୟ ଆଖପାଖ ଅଞ୍ଚଳରେ ଗଛ ଓ ଚାରାର ଚାହିଦା ଥିବା ଦରକାର । ନିଜ ଅଞ୍ଚଳର ଚାହିଦା ଅନୁସାରେ ଗଛର ପ୍ରକାର ଚୟନ କରାଯାଇଥାଏ ।

## (୬) ଅର୍ଥ :

ନର୍ସରୀଟିଏ କରିଲେ ଅର୍ଥର ଆବଶ୍ୟକତା ପଡ଼ିଥାଏ । ସେଥିପାଇଁ ପ୍ରଥମେ ଅର୍ଥର ବ୍ୟବସ୍ଥା କରିବା ଉଚିତ୍ । ନର୍ସରୀ କରିବା ପାଇଁ ଜାତୀୟ ଉଦ୍ୟାନ କୃଷି ମିଶନ ଶତକଡ଼ା ୪୦ରୁ ୫୦ ଭାଗ ରିହାତିର ବ୍ୟବସ୍ଥା କରିଛନ୍ତି । ତେଣୁ ସରକାରୀ ସାହାଯ୍ୟ ପାଇବା ନିମନ୍ତେ ନିକଟସ୍ଥ ସହକାରୀ ଉଦ୍ୟାନ ଅଧିକାରୀ

କିମ୍ବା କୃଷି ଅଧିକାରୀଙ୍କ ସହିତ ଆଲୋଚନା କରି ଆବେଦନ କରିବାକୁ ପଡ଼ିବ । ନିଜର ଟଙ୍କାରେ ମଧ୍ୟ ଛୋଟ ନର୍ସରୀଟିଏ କରିହେବ ।

## (୭) ବିଶେଷଜ୍ଞଙ୍କ ମତ :

ନର୍ସରୀଟିଏ କଲା ପୂର୍ବରୁ ନିକଟସ୍ଥ ଉଦ୍ୟାନବିତ୍, ଏଗ୍ରିକଲ୍ଚର୍ ୟୁନିଭରସିଟିର ବିଶେଷଜ୍ଞ ବା ପୁରୁଖା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକଙ୍କ ଠାରୁ ଉପଦେଶ ନେବା ଉଚିତ୍ । ନର୍ସରୀ କିପରି କରିବେ, କ'ଣ ସବୁ କିସମର ଚାରା ଉତ୍ତାରିବେ, ସେ ବିଷୟରେ ସମ୍ପୂର୍ଣ୍ଣ ଧାରଣା ନେଇ ଏହି କାମରେ ଆଗେଇବା ଭଲ ।

## (୮) ବାଡ଼ା ବନ୍ଦୀ :

ନର୍ସରୀଟିଏ କଲା ପୂର୍ବରୁ ଭଲ ଭାବରେ ବାଡ଼ାବନ୍ଦୀ କରିବେ । ସହର ପାଖାପାଖି ଜାଗାରେ ଯଦି ନର୍ସରୀ କରୁଛନ୍ତି ତେବେ ପକା ପାଚେରୀ କରିବା ସବୁଠୁ ଭଲ । ତା'ପରେ ଭଲ ବାଡ଼ାବନ୍ଦୀ ହେଉଛି ତା'ର ବାଡ଼ । ତା'ର ବାଡ଼ ସାଙ୍ଗରେ ଜୀବନ୍ତ କଣ୍ଟା ବାଡ଼ ମଧ୍ୟ ତା' କରରେ ଲଗାଇବେ । ଜୀବନ୍ତ ବାଡ଼ ପାଇଁ ଚିଲାର୍, ଡୁରାଣ୍ଟ ଓ ବିଲାତି କୟାଁ ଗଛ ସବୁଠୁ ଭଲ ।

## (୯) ପବନ ନିରୋଧକ ବୃକ୍ଷ :

ନର୍ସରୀ ଚାରିପାଖରେ ପବନ ନିରୋଧକ ବୃକ୍ଷ ଲଗାଇଲେ ନର୍ସରୀରେ ଥିବା ଚାରାଗଛଗୁଡ଼ିକୁ ପ୍ରତିକୂଳ ଜଳବାୟୁରୁ ରକ୍ଷା କରିହୁଏ । ଏହି ବୃକ୍ଷଗୁଡ଼ିକ ଉଚ୍ଚା, ମରୁଡ଼ି ସହିପାରୁଥିବା ଏବଂ ମଜବୁତ ହୋଇଥିବା ଆବଶ୍ୟକ ଯେପରି ପବନରେ ଭାଙ୍ଗି ନ ଯାଏ । ପବନ ନିରୋଧ କରିବା ପାଇଁ ଅର୍ଜୁନ, କରଞ୍ଜ, ଝାଉଁ, ଜାମୁ, ଦେବଦାରୁ, ସିଲ୍ଭର ଓକ୍ ଗଛ ସବୁଠାରୁ ଭଲ ।

## (୧୦) ନର୍ସରୀ ପଞ୍ଜୀକରଣ :

ଓଡ଼ିଶାରେ ନର୍ସରୀର ବିନା ପଞ୍ଜୀକରଣରେ ଚାରା ବିକିବା ଦଣ୍ଡନୀୟ ଅପରାଧ । ନର୍ସରୀଟିଏ କରିବା ସମୟରେ Orissa Fruit Nurseries (Regulation) Rules, 2001 ନିୟମ ଅନୁସାରେ ନିକଟସ୍ଥ ଉଦ୍ୟାନ ବିଶେଷଜ୍ଞଙ୍କ ପାଖକୁ ଯାଇ ନିର୍ଦ୍ଧାରିତ ଫର୍ମରେ ଆବେଦନ କରି ନର୍ସରୀକୁ ପଞ୍ଜୀକରଣ କରିବା ଉଚିତ୍ ।

## ନର୍ସରୀ ପାଇଁ ଆବଶ୍ୟକୀୟ ବିଭାଗ ଓ ଅନ୍ୟାନ୍ୟ ବ୍ୟବସ୍ଥା :

୧. ଅଫିସ୍ ଘର

୨. ଭଣ୍ଡାର ଘର

୩. କୃତ୍ରିମ ସଂରଚନା କକ୍ଷ

୪. ତଳିଘରା

୫. କୁଣ୍ଡ ରଖିବା ସ୍ଥାନ

୬. ନର୍ସରୀରେ କଲମି କରିବା ପାଇଁ ଘର

୭. ନର୍ସରୀରେ 'ମା' ଗଛ

୮. ନର୍ସରୀରେ ମୂଳଦଣ୍ଡ ବା ପୋଷକ ଗଛ

୯. ନର୍ସରୀ ଗଛର ଯତ୍ନ

୧୦. ପ୍ରଚ୍ଚର ଓ ପ୍ରସାର ବିଭାଗ

**୧. ଅଫିସ୍‌ଘର :**

ନର୍ସରୀର ସମ୍ମୁଖ ଭାଗରେ ଅଫିସ୍ ଘର କରାଯାଏ ଯାହାଦ୍ୱାରା କି ଗଛ, ମଞ୍ଜି, ସାର ଇତ୍ୟାଦିର କିଣାବିକା ଖୁବ୍ ସହଜ ହେବ ଏବଂ ଅଫିସ୍‌ଘରେ ଥାଇ ମଧ୍ୟ ନର୍ସରୀରେ କ'ଣ ସବୁ ହେଉଛି ଦେଖି ହେବ।

**୨. ଭଣ୍ଡାରଘର :**

ନର୍ସରୀରେ ବ୍ୟବହୃତ ଯନ୍ତ୍ରପାତି ଠାରୁ ଆରମ୍ଭ କରି ସାର, ଔଷଧ, ମଞ୍ଜି ଇତ୍ୟାଦି ଏଠାରେ ରଖାଯାଏ। ଦାମିକାକୁଣ୍ଡ ଓ ବହିପତ୍ର ମଧ୍ୟ ରଖାଯାଏ। ଭଣ୍ଡାରଘର ଅଫିସ୍ ଘର ପାଖରେ ହେଲେ ଚଳିବ ବା ଗୋଟିଏ କୋଣରେ କଲେ ଚଳିବ।

**୩. କୃତ୍ରିମ ସଂରଚନା କକ୍ଷ :**

ପ୍ରତିକୂଳ ଜଳବାୟୁରେ ମଞ୍ଜିରୁ ଘରା ଉଠାରିବା ପାଇଁ କିମ୍ବା ଡାଳରୁ କଲମି ଗଛ ଉଠାରିବା ପାଇଁ ଏବଂ ଆବଶ୍ୟକୀୟ ଅନୁକୂଳ ବାତାବରଣ ସୃଷ୍ଟି କରିବା ପାଇଁ କୃତ୍ରିମ ସଂରଚନା କକ୍ଷ ବ୍ୟବହାର କରାଯାଏ। ସେଗୁଡ଼ିକ ହେଲା-

(କ) ସବୁଜଗୃହ, (ଖ) ଲାଥିହାଉସ (ଗ) ଗରମ ଶଯ୍ୟା ଏବଂ ଥଣ୍ଡା ଆଧାର (ଘ) ଛାୟା ଜାଲି ଗୃହ, (ଙ) କୃତ୍ରିମ କୁହୁଡ଼ି ସୃଷ୍ଟି କରାଯାଉଥିବା କୋଠରୀ

**(କ) ସବୁଜ ଗୃହ :**

ସବୁଜ ଗୃହ ମଧ୍ୟରେ ଚାରାର ଆବଶ୍ୟକ ପରିମାଣ ଆଲୋକ, ଉତ୍ତାପ, ବାୟୁ, ଜଳ, ଖାଦ୍ୟସାର, ଔଷଧ ଯୋଗାଇ ଦେବା ସଙ୍ଗେ ସଙ୍ଗେ ଅନାବନା ଗଛ, ରୋଗ ଓ ପୋକ ନିୟନ୍ତ୍ରଣ କରି ଉନ୍ନତ ମାନର ଚାରା ପ୍ରସ୍ତୁତ କରାଯାଏ । ଏହି ଘର ମଧ୍ୟରେ ବର୍ଷର ସବୁ ସମୟରେ ଚାରା ଉତ୍ତାରିବା ଠାରୁ ଆରମ୍ଭ କରି କଲମି କରାଯାଇଥାଏ । ନିଜର ଆବଶ୍ୟକତା ଅନୁସାରେ କାଠଖୁଣ୍ଟି, ତାରଜାଲି, ପଲିଥିନ୍‌କୁ ନେଇ ଦେଶୀ ସବୁଜଗୃହ କିମ୍ବା ଜି.ଆଇ. ପାଇପ୍ ଏବଂ ୨୦୦ ମାଇକ୍ରନ୍‌ସ୍ ୟୁ.ଭି. ଷ୍ଟାବିଲାଇଜଡ଼ ପ୍ଲାଷ୍ଟିକ୍ ଚଦର ବ୍ୟବହାର କରି ଉନ୍ନତ ସବୁଜ ଗୃହ ତିଆରି କରାଯାଇପାରିବ ।

**(ଖ) ଲାଥିହାଉସ :**

କାଠ କିମ୍ବା ସିମେଣ୍ଟ ଖୁଣ୍ଟ ଓ ତାଟି ସାହାଯ୍ୟରେ ଯେଉଁ ଘର ତିଆରି କରାଯାଏ ତାକୁ ଲାଥିହାଉସ କହନ୍ତି । ଘରର ଚାରିପାଖରେ ବାଉଁଶର ତାଟି ଓ ଉପରେ ମଧ୍ୟ ତାଟି ଦିଆଯାଏ । ପଲିଥିନ୍ ମୁଣିରେ ଥିବା ଲଗାଯାଉଥିବା ମୂଳଗଛକୁ (Stock) ଅତ୍ୟଧିକ ଟାଣ ଖରାରୁ ରକ୍ଷା କରିବା ପାଇଁ ଲାଥିହାଉସ୍‌ରେ ରଖାଯାଏ । ତା'ପରେ ନର୍ସରୀ ବେଡ଼ରେ ସଜାଇ କଲମି ପାଇଁ ରଖାଯାଏ ।

**(ଗ) ଗରମ ଶଯ୍ୟା ଏବଂ ଥଣ୍ଡା ଆଧାର :**

ଅନେକ ସ୍ଥାନରେ ଗରମ ଶଯ୍ୟା ମଧ୍ୟ ଗଛର ବଂଶବୃଦ୍ଧି ପାଇଁ ସହାୟକ ହୋଇଥାଏ । ସାଧାରଣ ଓଡ଼ିଶାର କୋରାପୁଟ, ଫୁଲବାଣୀ ଓ କେନ୍ଦୁଝର ଜିଲ୍ଲାରେ ଶୀତଦିନେ ଗରମ ଶଯ୍ୟାର ଆବଶ୍ୟକତା ଅଛି । ଏଠାରେ ତଳି ଉତ୍ତାରିବା ସହ ପତ୍ର କଲମିରୁ ସହଜରେ ଚେର ସୃଷ୍ଟି କରାଯାଏ । ଏ ପ୍ରକାର ଉଷ୍ମତାକୁ ସାଧାରଣତଃ କଲମି କରାଯାଇଥିବାର ନିମ୍ନ ଭାଗରେ ବା ମଞ୍ଜିରୁ ତଳି ଉତ୍ତାରିବା ବେଡ଼ର ତଳେ ବିଦ୍ୟୁତ୍ ଚୁଲା ବା ଗରମ ପାଣି ବା ଗରମ ବାଷ୍ପବାହୀ ନଳୀ କିମ୍ବା ଗରମ ବାୟୁ ପ୍ରବାହିତ ସୃଷ୍ଟି କରାଯାଇଥାଏ । ସେହିପରି ଥଣ୍ଡା ଆଧାର ମଧ୍ୟ ତିଆରି କରାଯାଏ ।

## (ଘ) ଛାୟା ଜାଲି ଗୃହ :

କାଠଖୁଣ୍ଟି କିମ୍ବା ଜି.ଆଇ. ପାଇପ୍ ଓ ପ୍ଲାଷ୍ଟିକ୍ ଜାଲି ଦ୍ୱାରା ଏହି ଗୃହ ତିଆରି କରାଯାଏ । ପ୍ଲାଷ୍ଟିକ୍ ଜାଲିରେ ଥିବା ରନ୍ଧ୍ର ଦେଇ ଛାୟା, ଆଲୋକ ଓ ବାୟୁ ଚଳାଚଳ କରିଥାଏ । ବର୍ଷର ସବୁ ସମୟରେ ଚାରା ତିଆରି କରିବା ସହିତ କଲମି ଗଛ ଓ ଆଳଙ୍କାରିକ ଉଦ୍ଭିଦକୁ ଅତ୍ୟଧିକ ଟାଣ ଖରାରୁ ରକ୍ଷା କରିବା ପାଇଁ ଜାଲି ଘରେ ରଖାଯାଏ ।

## (ଙ) କୃତ୍ରିମ କୁହୁଡ଼ି ସୃଷ୍ଟି କରାଯାଉଥିବା କୋଠରୀ :

ପାଣିକୁ ବାରମ୍ବାର କୁହୁଡ଼ି ପରି ସ୍ପ୍ରେ କରି ପାରୁଥିବା ଯନ୍ତ୍ରକୁ ଡାଳକଲମୀ କରାଯାଇଥିବା ପଟାଳି ଉପରେ ଖଞ୍ଜା ଯାଇଥାଏ । ମଝିରେ ମଝିରେ ଅନବରତ ପାଣି ସ୍ପ୍ରେ ହେବାରୁ ଘରର ଉତ୍ତାପ ଯଥେଷ୍ଟ ପରିମାଣରେ କମିଯାଏ ଏବଂ ବାୟୁର ଆର୍ଦ୍ରତା ବଢ଼ିଯିବାରୁ ଚାରାଗଛର ଶ୍ୱାସକ୍ରିୟା ଏବଂ ବାଷ୍ପୀକରଣ ପ୍ରକ୍ରିୟାର ହ୍ରାସ ହୋଇଥାଏ । ତେଣୁ କଟାହୋଇ ପୋତା ହୋଇଥିବା ଡାଳ ଝାଉଁଳେ ନାହିଁ, ବଢ଼ିବାକୁ ଲାଗେ । ସାଧାରଣତଃ ଯେଉଁ ଡାଳରୁ ସହଜରେ ଚେର ବାହାରେ ନାହିଁ, ଏଠାରେ ଶୀଘ୍ରଚେର ବାହାରେ ।

## ୪. ତଳିଘରା :

ପନିପରିବା, ଫଳ ଓ ଫୁଲ ମଞ୍ଜିର ଚାରା ଉତ୍ତାରିବା ପାଇଁ ତଳିଘରା କରାଯାଇଥାଏ । ସାଧାରଣତଃ ଏହାର ଲମ୍ବ ୩ ମିଟର ଏବଂ ପ୍ରସ୍ଥ ୧ ମିଟର ଓ ଉଚ୍ଚତା ୧୫ ସେ.ମି. ବିଶିଷ୍ଟ ହୋଇଥାଏ । ଏହି ପଟି ବେଶି ଚଉଡ଼ା କରାଯାଇନଥାଏ, କାରଣ ଚଉଡ଼ା ପଟିର ମଝିରେ ଥିବା ଚାରାଗୁଡ଼ିକ ପର୍ଯ୍ୟନ୍ତ ହାତ ପାଏନାହିଁ, ତେଣୁ କୋଡ଼ାଖୋସା ଓ ଘାସବଛାରେ ଅସୁବିଧା ହୁଏ । ତଳିଘରା ଉଚ୍ଚ କରିବା ଦ୍ୱାରା ପାଣି ନିଗିଡ଼ିଯାଏ, ସୁବିଧାରେ ମଞ୍ଜିରୁ ଗଜା ବାହାରେ । ଦୁଇଟି ତଳିଘରା ମଧ୍ୟରେ ୬୦ ସେ.ମି.ର ବ୍ୟବଧାନ ରଖାଯାଏ ।

ମଞ୍ଜି ବୁଣିବାର ୧୦/୧୫ ଦିନ ପୂର୍ବରୁ ପ୍ରତି ପଟିରେ ୨/୩ ଝୁଡ଼ି ଗୋବରଖତ, ୫୦୦ ଗ୍ରାମ୍ ଜୈବିକସାର, ୨୫୦ ଗ୍ରାମ୍ ସୁପରଫସ୍‌ଫେଟ୍ ଓ ୫୦ ଗ୍ରାମ୍ ପଟାସ୍ ସାର ଦେଇ ମାଟିରେ ଭଲ ଭାବରେ ମିଶାଇ ଦିଆଯାଏ ।

ଘରେ ସହଜରେ କାମ କରିହୁଏ। କଲମି କରି ପଲିଥିନ୍ ମୁଣିକୁ ୫ ରୁ ୭ ଦିନ ଏଠାରେ ରଖିବା ଦ୍ୱାରା କଲମି ଗଛ ବଞ୍ଚିବା ବେଶି ହୁଏ। ନର୍ସରୀର ମଝି ଜାଗାରେ ନର୍ସରୀ ଘର ରହିଲେ ଭଲ।

## ୭. ନର୍ସରୀରେ 'ମା' ଗଛ (Progeny Tree) :

ଭଲ କିସମ ଗଛରୁ ଝରା ଉତ୍ତାରିବା ପାଇଁ ବା ସେଥିରୁ ଡାଳ ନେଇ କଲମି କରିବା ପାଇଁ ନର୍ସରୀରେ 'ମା' ଗଛ ରହିବା ନିତାନ୍ତ ଆବଶ୍ୟକ। ତେଣୁ ବିଭିନ୍ନ ଜାତି ଓ କିସମର ମା' ଗଛ ନର୍ସରୀରେ ରଖାଯାଇଥାଏ। ମା' ଗଛ ସବୁ ରୋଗମୁକ୍ତ, ହୃଷ୍ଟପୁଷ୍ଟ ଏବଂ ନିଜ କିସମ ବା ଜାତିର ଅବିକଳ ଗୁଣ ଆହରଣ କରିଥିବା ଉଚିତ୍। ପ୍ରତ୍ୟେକ ମା' ଗଛର ବୃଦ୍ଧି, ବିକାଶ, ଫଳ ଫଳିବା ଗୁଣ, ଫଳର ଉତ୍କୃଷ୍ଟତା ପ୍ରଭୃତିର ବିଷଦ ବିବରଣୀ ରଖିବା ଦରକାର। ଜାଗା ସୀମିତ ଥିଲେ ମା' ଗଛକୁ ଜାତି କିସମ ନେଇ ଲଗାଇବା ଦୂରତାର ୩ ରୁ ୪ ଭାଗରୁ ଭାଗେ ଦୂରତାରେ ମଧ୍ୟ ଲଗାଯାଇପାରେ। ଯଥା- ଆମ୍ବ, କାଜୁବାଦାମ୍ ୧୦ ଫୁଟ ଦୂରତାରେ, ପିଜୁଳି, ଲେମ୍ବୁ ଇତ୍ୟାଦି ୫ ଫୁଟ ଦୂରତାରେ।

## ୮. ନର୍ସରୀରେ ମୂଳଦଣ୍ଡ ବା ପୋଷକ ଗଛ ଉତ୍ପାଦନ :

କଲମି ଗଛ ପ୍ରସ୍ତୁତ କରିବା ସମୟରେ ବା କଲମିକରଣରେ ହୃଷ୍ଟପୁଷ୍ଟ ମୂଳଦଣ୍ଡ ଉତ୍ପାଦନ କରିବା ପ୍ରଧାନ କାମ କାରଣ ପୋଷକ ବା ମୂଳଦଣ୍ଡ ଗଛ ପୋଷ୍ୟର ବୃଦ୍ଧି, ବିକାଶ, ଗଛର ଫଳିବା ଶକ୍ତି, ଫଳର ଉତ୍କର୍ଷତା ଓ ଗଛର ପରମାୟୁ ଉପରେ ପ୍ରଭାବ ପକାଇଥାଏ। ସାଧାରଣତଃ ମୂଳଦଣ୍ଡ ବା ପୋଷକ ଗଛଗୁଡ଼ିକ ମଞ୍ଜିରୁ ତିଆରି କରାଯାଇଥାଏ।

ଫଳଗଛର ମଞ୍ଜିରୁ ପ୍ରଥମେ ତଳିଘରାରେ ଝରା ଉଠରାଯାଏ। ମଞ୍ଜି ବୁଣିବା ପୂର୍ବରୁ ମଞ୍ଜିକୁ ବିଶୋଧନ କରାଯାଏ। ପ୍ରାୟ ୧ କେଜି ମଞ୍ଜି ପ୍ରତି ୩ ଗ୍ରାମ୍ ବାଭିଷ୍ଟିନ୍ ଦରକାର ହୁଏ। ମଞ୍ଜି ବୁଣିବାର ୫/୬ ଘଣ୍ଟା ପୂର୍ବରୁ ବିଶୋଧନ କଲେ ଭଲ। ସାଧାରଣତଃ ଝରାଗୁଡ଼ିକ ୧୫ ରୁ ୨୦ ସେ.ମି. ଉଚ୍ଚତା ହୋଇଗଲା ପରେ ଝରାଗୁଡ଼ିକୁ ତଳିଘରାରୁ ଉଠାଇ ନର୍ସରୀ ପଟି ବା

ପଲିଥିନ୍ ମୁଣିରେ ରୋପଣ କରି ନିୟମିତ ପାଣି ଦିଆଯାଏ। ପ୍ରଥମେ ଏ ଚାରାଗୁଡ଼ିକୁ ଲାଥ୍‌ହାଉସରେ କଲମି କରିବା ପାଇଁ ରଖାଯାଏ। ତା'ପରେ ଟ୍ରେଞ୍ଚରେ ମୂଳଦଣ୍ଡ ସବୁ ପୋତାଯାଏ। ଚାରା ସବୁ କଲମି ଉପଯୋଗୀ ହେବା ପର୍ଯ୍ୟନ୍ତ ଯତ୍ନ ନିଆଯାଏ।

## ୯. ନର୍ସରୀ ଗଛର ଯତ୍ନ :

ନର୍ସରୀ ଗଛ ବା ଚାରାକୁ ହୃଷ୍ଟପୁଷ୍ଟ କରି ବଢ଼ାଇବା ପାଇଁ ବହୁତ ଯତ୍ନ ଦରକାର। ଦରକାର ପଡ଼ିଲେ ମାସକ ଅନ୍ତରରେ ଗଛରେ ଶତକଡ଼ା ୨ ଭାଗ ୟୁରିଆ ସ୍ପ୍ରେ କରାଯାଏ। ଗଛରେ ରୋଗ ପୋକ ଲାଗିଲେ ତା'ର ଯତ୍ନ ନେବ। ସାଧାରଣତଃ ପୋକ ପାଇଁ ମାସେ ଦି'ମାସ ଅନ୍ତରରେ ଥରେ ଦି'ଥର କ୍ଲୋରୋପାଇରିଫସ୍ ଏକ ଲିଟର ପାଣିରେ ୨ ମିଲି ମିଶାଇ ପକାଯାଏ। ସେହିପରି ରୋଗ ପାଇଁ ୧ ଲିଟର ପାଣିରେ ୧ ଗ୍ରାମ୍ ବାଭିଷ୍ଟିନ୍ ମାସେ ଦି' ମାସ ଅନ୍ତରରେ ସ୍ପ୍ରେ କରାଯାଏ।

ଖରାଦିନେ ବା ଗ୍ରୀଷ୍ମଋତୁରେ ବହୁତ ଗରମ ଓ ଟାଣ ଖରା ହେଉଥିବାରୁ ଚାରା ବା ନର୍ସରୀ ଗଛ ସହ୍ୟ କରିନପାରି ମରିଯାଆନ୍ତି। ବିଶେଷତଃ ଆମ୍ବ, ଲିଚୁ, କମଳା ଲେମ୍ବୁ ଜାତୀୟ ଗଛ, ଅମୃତଭଣ୍ଡା ଚାରା ଇତ୍ୟାଦିର ବେଶି କ୍ଷତି ହୋଇଥାଏ। ଟାଣ ସୂର୍ଯ୍ୟକିରଣ ଦାଉରୁ ଗଛକୁ ରକ୍ଷା କରିବା ପାଇଁ ନିମ୍ନଲିଖିତ ପଦକ୍ଷେପମାନ ନିଆଯାଇପାରିବ।

(କ) ନର୍ସରୀରେ ଥିବା ତଳିଘରା ବା କୁଣ୍ଡ ରଖିବା ସ୍ଥାନ ବା ଟ୍ରେଞ୍ଚ ଉପରେ ନଡ଼ିଆ ବା ଜାମୁଡାଳର ବା ପଲିଥିନ୍ ଜାଲିରେ ଛାମୁଣ୍ଡିଆ କରିବା ଉଚିତ୍।

(ଖ) ନର୍ସରୀ ଆରମ୍ଭ ବେଳେ ନର୍ସରୀ ଚାରିପଟେ ବାୟୁରୋଧକ ଗଛ ଲଗାଇବା ଉଚିତ୍।

(ଗ) ଖରାଦିନେ ଚାରାଗଛରେ ନିୟମିତ ବା ଅଧିକ ଥର ପାଣି ଦେବା ଉଚିତ୍। ସ୍ପ୍ରିଙ୍କଲର୍‌ରେ ଜଳସେଚନ କରିବା ସବୁଠୁ ଭଲ। ସେହିପରି ଥଣ୍ଡାଦିନେ ମଧ୍ୟ ଚାରାଗଛ ଗୁଡ଼ିକ ଅତ୍ୟଧିକ ଶୀତ ହେଲେ ବେଶି କ୍ଷତିଗ୍ରସ୍ତ ହୁଅନ୍ତି। ଖରାଦିନ ପାଇଁ ଯେପରି ଯତ୍ନ ନିଆଯାଏ, ଶୀତଦିନ ପାଇଁ ନର୍ସରୀରେ ଘାସ, ପତ୍ର ପୋଡ଼ି ଧୂଆଁ ଦେବା ଉଚିତ୍।

ଘାସ ଓ ଅନାବନା ଗଛ ନର୍ସରୀ ମଧ୍ୟରେ ପ୍ରଚୁର ପରିମାଣରେ ଉଠିଥାଏ । ଘାସ ଓ ଅନାବନା ଗଛ ନର୍ସରୀଗଛ ସହ ପାଣି ଓ ଖାଦ୍ୟ ପାଇଁ ପ୍ରତିଯୋଗିତା କରନ୍ତି, ଯାହାଫଳରେ ନର୍ସରୀଗଛର ବହୁତ କ୍ଷତି ହୋଇଥାଏ । ଘାସ ଓ ଗଛଗୁଡ଼ିକ ଋତୁର ବିଭିନ୍ନ ସମୟରେ ବଛାବଛି କରିବା ଦରକାର । ନର୍ସରୀର ଗଛମୂଳ ଓ ତଳିପଟାଳି ଗୁଡ଼ିକ କୋଡ଼ାଖୁସା କରାଯାଇଥାଏ, ଯାହାଫଳରେ ମାଟି ଟାଣ ହୁଏ ନାହିଁ ଓ ପାଣି ଦେବାବେଳେ ଏହା ଭଲ ରୂପରେ ଗ୍ରହଣ କରିଥାଏ ।

## କଲମି ଗଛର ପରବର୍ତ୍ତୀ ଯତ୍ନ :

କଲମି ହେଲାପରେ ପୋଷ୍ୟ ପୋଷକ ଗଛ ସହ ଯୋଡ଼ି ହୋଇଯାଏ । କଲମି ଯୋଡ଼ ହୋଇଗଲା ପରେ ଯୋଡ଼ି ଉପରେ ଥିବା ମୂଳପିଣ୍ଡ ଗଛର ଡାଳ କାଟି ଦିଆଯାଏ । କଲମି ଗଛର ପୋଷ୍ୟ ମୁକୁଳ ବଢୁଥିବା ବେଳେ ଏହା ତଳେ ବାହାରୁଥିବା ପୋଷକର ମୁକୁଳଗୁଡ଼ିକୁ ବଢ଼ିବାକୁ ଦିଆନଯାଇ ଭାଙ୍ଗି ଦିଆଯାଏ, କାରଣ ପୋଷକର ମୁକୁଳ ବଞ୍ଚିଲେ ପୋଷ୍ୟର ମୁକୁଳ ବଢ଼ିପାରେ ନାହିଁ ।

## ୧୦. ପ୍ରଚାର ଓ ପ୍ରସାର ବିଭାଗ :

ନର୍ସରୀ ପରିଚାଳନାର ସବୁଠାରୁ ବଡ଼ କାମ ହେଲା ଯାହା ନିଜେ ଉତ୍ପାଦନ କରିବେ ବା ବାହାରୁ ଆଣି ବିକିବେ, ତାହା ଠିକ୍ କିସମର, ଠିକ୍ ବୟସର ଓ ଉନ୍ନତମାନର ଚାରା ହୋଇଥିବା ଉଚିତ୍ । ଯେପରି ଥରେ ଜଣେ ବ୍ୟକ୍ତି ଗଛ ବା ମଞ୍ଜି କିଣିଲେ ଦ୍ୱିତୀୟ ଥର ପାଇଁ ସେ ଖୋଜି ଖୋଜି ଆସିବ । ନର୍ସରୀର ନାମ, ଠିକଣା, ଟେଲିଫୋନ୍ ନମ୍ବର ଇତ୍ୟାଦି ଖବରକାଗଜ ଓ ଗଣମାଧ୍ୟମରେ ପ୍ରଚାର କରିବା ଉଚିତ୍ । ନର୍ସରୀରେ କ'ଣ କ'ଣ ସବୁ ମିଳୁଛି ଓ ତା'ର ମୂଲ୍ୟର ଗୋଟିଏ ଲିଫ୍‌ଲେଟ୍ କରି ଯିଏ ଗଛ ବା ମଞ୍ଜି କିଣିବାକୁ ଆସନ୍ତି ତାଙ୍କୁ ବିନା ମୂଲ୍ୟରେ ଦେବା ସଙ୍ଗେ ସଙ୍ଗେ ଗଣମାଧ୍ୟମରେ ପ୍ରଚାର କରିଲେ ନର୍ସରୀ କାରବାର ବଢ଼ିବ ଓ ଭବିଷ୍ୟତରେ ଅଧିକା ଲାଭ ମିଳିବ ।

କଥାରେ ଅଛି :-

**"ଉଦ୍ୟାନ କୃଷିରୁ ମିଳଇ ବେଶୀ**
**ସାରା ବରଷକ ଚାଷୀ ଯେ ଖୁସି ।"**







2023120076


କୃଷି ବିଜ୍ଞାନ କେନ୍ଦ୍ର, ଗଜପତି
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
email : kvk.gajapati@ouat.ac.in